# ମୂର୍ତ୍ତି, କୀର୍ତ୍ତି ଓ ଭାବମୂର୍ତ୍ତି...

୦୪/୦୮/୨୦୦୧

**ଆମ ଘରର ହାଲ୍‌ଚାଲ୍**

**ସୌମ୍ୟରଂଜନ ପଟ୍ଟନାୟକ**

କ୍ଷମତାସୀନ ଦଳର ନେତୃମଣ୍ଡଳୀ ବିଚାର ବିଭ୍ରାଟର ଶିକାର ହେଲେ ଶାସନ ଓ ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ହୁଏନାହିଁ। ଓଡ଼ିଶା ପ୍ରଦେଶ ବିଜେପିର ସଭାପତି ଶ୍ରୀ ମନମୋହନ ସାମଲଙ୍କ ନିକଟକୁ ତାଙ୍କର ସହଯୋଗୀ ସାଂସଦ ଶ୍ରୀ ଖାରବେଳ ସ୍ୱାଇଁ ଲେଖିଥିବା ଚିଠି ଓ ପାର୍ଟିର ମୁଖପାତ୍ରଙ୍କ ବକ୍ତବ୍ୟକୁ ଅନୁଧ୍ୟାନ କଲେ ସମ୍ପ୍ରତି ଭାରତୀୟ ଜନତା ପାର୍ଟି ଯେ ଏକପ୍ରକାର ବିଚାର ବିଭ୍ରାଟର ଶିକାର ହୋଇଛି ତାହା ସ୍ପଷ୍ଟ ହୋଇଯାଉଛି। ସଭାପତି ଜଣେ ସହଯୋଗୀ ସାଂସଦଙ୍କର ଚିଠି ପାଇ ମଧ୍ୟ ତାହା ପାଇନାହାନ୍ତି ବୋଲି କହି ପ୍ରସଙ୍ଗଟିକୁ ଏଡ଼େଇଯାଇଥିବା ବେଳେ ମୁଖପାତ୍ର ଜଣକ କାଲେ କହିଛନ୍ତି ଯେ, ପ୍ରଶାନ୍ତବାବୁଙ୍କ ଅପସାରଣ ଫଳରେ ବିଜେପିର ଭାବମୂର୍ତ୍ତିରେ କୌଣସି ଆଞ୍ଚ ଆସିନାହିଁ। ଦିନ ଥିଲା, ବିଜେପି ତା'ର ମୂଲ୍ୟବୋଧଭିତ୍ତିକ ରାଜନୀତି ଓ ନେତାଙ୍କ ଭାବମୂର୍ତ୍ତିକୁ ସର୍ବଶ୍ରେଷ୍ଠ ପୁଞ୍ଜି ଭାବରେ ଜନସାଧାରଣଙ୍କ ଆଗରେ ଉପସ୍ଥାପିତ କରୁଥିଲା। ଆଜି ଉଭୟ ମୂଲ୍ୟବୋଧ ଓ ଭାବମୂର୍ତ୍ତିକୁ ସେହି ଦଳର ନେତୃମଣ୍ଡଳୀ କ୍ଷମତାରେ ରହିବା ନିମନ୍ତେ ସଂକୁଚିତ କରିବା ପାଇଁ ସଙ୍କୋଚ କରୁନାହାନ୍ତି। ଏହି ତ ସେଇ ଦଳ, ଯାହାର ଆଧୁନିକ ଲୌହ ମାନବ ନେତା ଶ୍ରୀ ଲାଲ୍‌କୃଷ୍ଣ ଆଡଭାନୀ ଅଖଣ୍ଡ ଭାରତର ସଂକଳ୍ପ ନେଇ ରଥଯାତ୍ରା ଆରମ୍ଭ କରିଥିଲେ; ସମସ୍ତଙ୍କ ପାଇଁ ସମାନ ସିଭିଲ କୋଡ୍ କଥା କହୁଥିଲେ ଏବଂ ଧାରା ୩୭୦ରେ କାଶ୍ମୀର ପାଇଁ ଦିଆଯାଇଥିବା ସ୍ୱତନ୍ତ୍ର ସୁବିଧାସୁଯୋଗର ଉଚ୍ଛେଦ ପାଇଁ ବଳିଷ୍ଠ ଯୁକ୍ତି ବାଢ଼ିଥିଲେ। ଆଜି ପରିବର୍ତ୍ତିତ ପରିସ୍ଥିତିରେ ସେ ଆମର ଗୃହମନ୍ତ୍ରୀ ହୋଇ କହୁଛନ୍ତି, ଦରକାର ପଡ଼ିଲେ କାଶ୍ମୀରକୁ ଆହୁରି ଅଧିକ କ୍ଷମତା ଦେବାପାଇଁ ସେ ପ୍ରସ୍ତୁତ ଅଛନ୍ତି। ଦଳର ଓ ନେତାମାନଙ୍କର ଛବି କିପରି ସଦା ଉଜ୍ଜ୍ୱଳ ରହିବ, ସେଥିପାଇଁ ସେ ସର୍ବାଧିକ ଗୁରୁତ୍ୱ ଦେଉଥିଲେ। କାଲିପରି ଲାଗୁଛି, ତାଙ୍କ ନାଁଟି କେବଳ ଜଣେ ବିବଦମାନ ଶିଳ୍ପପତିଙ୍କ ଡାଏରୀରେ ଉଲ୍ଲେଖ ଥିଲା ବୋଲି ଶ୍ରୀ ଆଡ଼ଭାନୀ ନୈତିକ ଦାୟିତ୍ୱ ବହନ କରି ଲୋକସଭାରୁ ଇସ୍ତଫା ଦେଇଥିଲେ ଏବଂ ନିଜକୁ ସମ୍ପୂର୍ଣ୍ଣ ଦୋଷମୁକ୍ତ ନ କଲା ପର୍ଯ୍ୟନ୍ତ ଆଉ ଲୋକସଭା ନିର୍ବାଚନ ଲଢ଼ିବେ ନାହିଁ। ଆଜି ସେହି ଦଳର ଓଡ଼ିଶା ଶାଖାର ମୁଖପାତ୍ର କହୁଛନ୍ତି ଯେ, ପ୍ରଶାନ୍ତବାବୁଙ୍କର ବରଖାସ୍ତ ଘଟଣା ଦଳର ଭାବମୂର୍ତ୍ତିରେ କୌଣସି ଆଞ୍ଚ ଆଣିନାହିଁ। ପ୍ରଶାନ୍ତବାବୁଙ୍କର ଅପସାରଣ କାହିଁକି ହେଲା ? ବିଜେଡି-ବିଜେପି ମେଣ୍ଟ ସରକାର ଓ ମୁଖ୍ୟମନ୍ତ୍ରୀ ତାଙ୍କର ସହଯୋଗୀ ମନ୍ତ୍ରୀମାନଙ୍କୁ ଖୋଲାଖୋଲି ଦୁର୍ନୀତିଗ୍ରସ୍ତ ବୋଲି କହି ତାଙ୍କୁ ମନ୍ତ୍ରିମଣ୍ଡଳରୁ ବରଖାସ୍ତ କଲେ। ତାଙ୍କ ବିରୋଧରେ ସରକାରୀ ଭାବେ ଦୁର୍ନୀତି ମାମଲା ରୁଜୁ ହେଲା। ଅଥଚ ବିଜେପି ଭାବୁଛି ଯେ, ତାଙ୍କ ଦଳର ଭାବମୂର୍ତ୍ତିରେ କିଛି ଆଞ୍ଚ ଆସିନାହିଁ। ଆଉ ଅଧିକ କ'ଣ ହୋଇଥିଲେ ଦଳର ଭାବମୂର୍ତ୍ତିରେ ଆଞ୍ଚ ଆସିଥାନ୍ତା ବୋଲି ସେ ଭାବିଥାନ୍ତେ, ସେକଥା ବୁଝାଇ କହିଥିଲେ ଅଧିକ ଗ୍ରହଣ ଯୋଗ୍ୟ ହୋଇଥାନ୍ତେ। ଅନ୍ୟଥା ବୁଝିବାକୁ ହେବ ଯେ, ମେଣ୍ଟ ସରକାରର ମୁଖ୍ୟ ନବୀନ ପଟ୍ଟନାୟକ ସରକାରୀ ଭାବେ ଯାହା କହୁଛନ୍ତି, ଅନ୍ୟତମ ଅଂଶୀଦାର ବିଜେପି ଦଳ ତାହାକୁ ବୋଧହୁଏ ମାନିବାପାଇଁ ପ୍ରସ୍ତୁତ ନୁହନ୍ତି। ଇଏ କି ପ୍ରକାର ମେଣ୍ଟ ବୁଝି ହେଉନାହିଁ। ସେହିପରି ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଇସ୍ତଫା ଧମକ ଦେଲେ କାହିଁକି ? ଦଳମତ ନିର୍ବିଶେଷରେ ଆଜି ସାରା ଭାରତର ଜନମାନସରେ ବାଜପେୟୀଙ୍କର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଏହି ଲୋକପ୍ରିୟ ଜନନେତା ଏବଂ ପ୍ରଧାନମନ୍ତ୍ରୀ ଶେଷରେ ବିକଳ ହୋଇ କହିଲେ ଯେ, ମୁଁ ସାମ୍ମୁଖ୍ୟ ଚଳାଇ ପାରୁନାହିଁ, ବୁଢ଼ା ହୋଇଗଲିଣି, ଦେହ ବି ଭଲ ରହୁନାହିଁ। ତେଣୁ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବାପାଇଁ ନିଷ୍ପତ୍ତି ନେଇଛି। ବାଜପେୟୀଙ୍କ ପରି ଜଣେ ଈର୍ଷଣୀୟ ବ୍ୟକ୍ତିତ୍ୱର ଅଧିକାରୀ ଏଭଳି ଅଭିମାନଭରା ବକ୍ତବ୍ୟ ଦେବା ଉଚିତ ହେଲା କି ? ଏହାଦ୍ୱାରା ଭାରତର ପ୍ରଧାନମନ୍ତ୍ରୀଙ୍କର ପଦମର୍ଯ୍ୟାଦା ରହିଲା କି ? କବି ବାଜପେୟୀ ଭସା ବାଦଲ କଥା କହି ତାକୁ ଭସେଇ ଦେଲେ ସିନା; ତାଙ୍କୁ ଭଲ ପାଉଥିବା ଅନେକ ଅନୁଗତଙ୍କୁ ଏହା କିନ୍ତୁ ବୁଝାଇ ପାରିଲା ନାହିଁ। ସେମାନଙ୍କ ବିଶ୍ୱାସରେ ଆଘାତ ଲାଗିଲା। ବାଜପେୟୀ ଇସ୍ତଫା ଦେବାପାଇଁ ବାହାନା କଲେ କାହିଁକି ? ଦଳର ଅନ୍ୟତମ ସହଯୋଗୀ ଶିବସେନାର ସାଂସଦ ସଂଜୟ ନିରୁପମଙ୍କର କଟୂକ୍ତି ଏବଂ ଆକ୍ଷେପରେ ବାଜପେୟୀ କାଳେ ଗଭୀର ଭାବେ ଆଘାତ ପାଇଲେ, ସେଥିପାଇଁ ଇସ୍ତଫାଦେବା ନିମନ୍ତେ ଉଚିତ ମନେ କଲେ। ଏଠି ମେଣ୍ଟର ମୁଖ୍ୟ ଖୋଲାଖୋଲି ଭାବେ କହିଲେ, ଦୁର୍ନୀତିକୁ ପ୍ରଶ୍ରୟ ଦେବାପାଇଁ ଲୋକେ ତାଙ୍କୁ ଶାସନକୁ ଆଣିନାହାନ୍ତି, ସହଯୋଗୀ ମନ୍ତ୍ରୀମାନଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ରହିଛି। ପରେ ଦୁର୍ନୀତି ମାମଲା ରୁଜୁ କଲେ। ଅଥଚ ବିଜେପି ଦଳର ବଡ଼ପଣ୍ଡାମାନଙ୍କ ବିଚାରରେ ଦଳର ଭାବମୂର୍ତ୍ତିକୁ କିମ୍ବା ତାଙ୍କୁ କୌଣସି ଆଘାତ ଲାଗିନାହିଁ।

ରାଜ୍ୟ ବିଜେପିର ଅନ୍ୟ ଦୁଇଜଣ ମନ୍ତ୍ରୀଙ୍କ ବିରୋଧରେ ମଧ୍ୟ ଅଭିଯୋଗ ଆସିବାରେ ଲାଗିଲାଣି। ନଗର ଉନ୍ନୟନ ମନ୍ତ୍ରୀ ନୂଆ ନୂଆ ମନ୍ତ୍ରୀ ହେଲାପରେ କଟକ ଓ ଭୁବନେଶ୍ୱରକୁ ସରସସୁନ୍ଦର କରିବାପାଇଁ ମହାନଗରର ବିଭିନ୍ନ ସ୍ଥାନରେ ମହାପୁରୁଷମାନଙ୍କର ମୂର୍ତ୍ତିମାନ ଗଢ଼ିବାରେ ଲାଗିଲେ। ମୂର୍ତ୍ତି ଗଢୁଥିବା ଏ ମନ୍ତ୍ରୀ କ୍ଷଣକ ପାଇଁ ମଧ୍ୟ ଚିନ୍ତା କଲେନାହିଁ ଯେ, ମୂର୍ତ୍ତିଠାରୁ କୀର୍ତ୍ତି ବଡ଼। ଏହି ମହାପୁରୁଷମାନେ ନିଜର କୀର୍ତ୍ତିପାଇଁ ଆଜିର ମହାନଗରଗୁଡ଼ିକରେ ମୂର୍ତ୍ତି ହୋଇ ସମ୍ମାନିତ ହେବାର ଗୌରବ ଅର୍ଜନ କରିଛନ୍ତି। କିନ୍ତୁ ଆମ ମନ୍ତ୍ରୀମାନଙ୍କର କୀର୍ତ୍ତି ଯେ ଭବିଷ୍ୟତରେ ସେମାନଙ୍କୁ ଅନୁରୂପ ଗୌରବର ଅଧିକାରୀ କରିବ, ଏ ନେଇ ଆମର କାହିଁକି ଯଥେଷ୍ଟ ସନ୍ଦେହ ରହିଯାଉଛି।

ନଗର ଉନ୍ନୟନ ମନ୍ତ୍ରୀଙ୍କ ବିରୋଧରେ ଅନେକ ଅଭିଯୋଗ ଆସିଛି। ମୁଖ୍ୟମନ୍ତ୍ରୀ ତା'ର କି ବିଚାର କରୁଛନ୍ତି କେଜାଣି ? ପୁଣି ସେଇ ଦଳର ଅନ୍ୟତମ ମନ୍ତ୍ରୀ ଶ୍ରୀ ବେଦପ୍ରକାଶ ଅଗ୍ରୱାଲ୍‌ଙ୍କ ବିରୋଧରେ ଯେଉଁସବୁ ଅଭିଯୋଗ ଆସିବାରେ ଲାଗିଛି, ତାହା ଯଦି ସତ୍ୟ ହୋଇଥାଏ ତାହାହେଲେ ବିଜେପି ତା'ର କି ଉତ୍ତର ଦେବ ? ଯୋଗାଣ ମନ୍ତ୍ରୀ ବେଦ ପ୍ରକାଶ ଅଗ୍ରୱାଲ୍‌ଙ୍କର ପାଖଲୋକ ଷ୍ଟେରେଜ୍ ଏଜେଣ୍ଟ ରିଲିଫ୍ ଚାଉଳ ହଡ଼ପ ଅଭିଯୋଗରେ ବର୍ତ୍ତମାନ ଜେଲ୍ ହାଜତରେ। ଜିଲ୍ଲା ଯୋଗାଣ ଅଧିକାରୀ ମଧ୍ୟ ସେଇ ଅଭିଯୋଗରେ ଜେଲରେ ଅଛନ୍ତି। ଅବଶ୍ୟ ଯୁକ୍ତି କରାଯାଇପାରେ ଯେ, ଏହା ସହିତ ଯୋଗାଣ ମନ୍ତ୍ରୀଙ୍କର ସିଧାସଳଖ କୌଣସି ସମ୍ପର୍କ ନାହିଁ। ରାଜନୈତିକ ଅଭିସନ୍ଧି ରଖି ତାଙ୍କର ପ୍ରତିଦ୍ୱନ୍ଦ୍ୱୀମାନେ ଏଭଳି ହଟଚମଟ ସୃଷ୍ଟି କରୁଛନ୍ତି। ବିଶ୍ୱାସ ହେଉ ବା ନ ହେଉ ଏହାକୁ ହୁଏତ ଯୁକ୍ତି ଦୃଷ୍ଟିରୁ ଗ୍ରହଣ କରାଯାଇପାରେ। କିନ୍ତୁ ଚଳିତ ବର୍ଷ ଧାନର ଅଭାବୀ ବିକ୍ରି ସମ୍ପର୍କରେ ଯେଉଁ ଅଭିଯୋଗ ହୋଇଥିଲା, ଚାଉଳ କଳର ମାଲିକମାନଙ୍କ ପ୍ରତି ଅହେତୁକ ଦରଦ ପଛରେ ଯେଉଁ ଦୁର୍ନୀତିର ଗନ୍ଧ ବାହାରୁଥିଲା, ସେଥିରେ ଯୋଗାଣ ମନ୍ତ୍ରୀଙ୍କର କୌଣସି ସମ୍ପର୍କ ନାହିଁ ବୋଲି କ'ଣ ଜୋର୍ କରି କହିହେବ ? ଧାନର ଅଭାବୀ ବିକ୍ରିକୁ ନେଇ ଚାଷୀ ଭାଇମାନଙ୍କର ଯେଉଁ ପ୍ରତିକ୍ରିୟା ରାଜରାସ୍ତାରେ ପ୍ରକଟିତ ହୋଇଥିଲା, ତାହା କ'ଣ ମଧ୍ୟ ରାଜନୈତିକ ଅଭିସନ୍ଧିମୂଳକ ? ଯୋଗାଣ ମନ୍ତ୍ରୀ ଧାନର ଅଭାବୀ ବିକ୍ରି କାହିଁକି ହେଲା, ସେକଥା ନିଜେ ବୁଝିଛନ୍ତି କି ? ଏ ସମ୍ପର୍କରେ ସେ ଯେଉଁ ସରକାରୀ ନିଷ୍ପତ୍ତି ନେଇଛନ୍ତି ସେଥିରୁ ଯେତେ ଦୂରରେ ରହିଲେ ମଧ୍ୟ ଦୁର୍ନୀତିର ଗନ୍ଧ ବାରି ହେଉଛି। ମୁଖ୍ୟମନ୍ତ୍ରୀ ଶାସନ ସଚିବ ଶ୍ରୀ ସତ୍ୟପ୍ରକାଶ ନନ୍ଦଙ୍କୁ ଏ ସମ୍ପର୍କରେ ଅନୁସନ୍ଧାନ କରିବାପାଇଁ ପଠେଇ ନ ଥିଲେ କି ? ଶ୍ରୀ ନନ୍ଦ ଅନୁସନ୍ଧାନ କରି ଯେଉଁ ରିପୋର୍ଟ ଦେଇଛନ୍ତି ତାହା ଏକ ଗୁପ୍ତ ଦଲିଲ୍ କି ? ସରକାର ସାହସର ସହିତ ଚଳିତ ବିଧାନସଭାରେ ତାହାକୁ ଉପସ୍ଥାପିତ କରି ଅନାସକ୍ତ ଆଲୋଚନା କଲେ ଚାଷୀକୂଳ ଅଧିକ ଆଶ୍ୱସ୍ତ ହେବେ।

ଆମ ବିଚାରରେ ଧାନର ଅଭାବୀ ବିକ୍ରି ସମସ୍ୟା ପ୍ରଶାସନିକ କଳର ବଡ଼ପଣ୍ଡାମାନଙ୍କର ଚାଷୀ ଭାଇମାନଙ୍କ ପ୍ରତି ସମ୍ପୂର୍ଣ୍ଣ ଉଦାସୀନ ମନୋଭାବର ପରିଚୟ ଦେଉଛି ଏବଂ ରାଜନେତାମାନଙ୍କର ଦୁର୍ନୀତିଖୋର ମନୋବୃତ୍ତିର ଅକାଟ୍ୟ ପ୍ରମାଣ ଉପସ୍ଥାପିତ କରୁଛି। ଏଥିରେ ୩୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଦୁର୍ନୀତିର ଗନ୍ଧ ବାହାରୁଛି, ଯାହାର ପ୍ରମାଣ ଆରଥରକୁ ଉପସ୍ଥାପିତ କରିବୁ ବୋଲି କହି ରହୁଛି।